# NATIONAL NEWS BULLETIN (ODIA)

## 16 March - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ୨୦୨୪ ସାଧାରଣ ନିର୍ବାଚନ ଏପ୍ରିଲ୍ ୧୯ ତାରିଖରୁ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ।
- ଭୋଟ ଗଣତି ଜୁନ୍ ୪ ତାରିଖରେ ହେବ ।
- ଲୋକସଭା ନିର୍ବାଚନ ସହିତ ସିକିମ୍, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।
- ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣାକୁ ରାଜନୈତିକ ଦଳମାନେ ସ୍ୱାଗତ କରିଛନ୍ତି ।

ଏବଂ

- ଶେଖ୍ ସାହାଜାହାନ୍‌ଙ୍କ ଭାଇ ଶେଖ୍ ଆଲମ୍‌ଗିର୍‌ଙ୍କୁ ସି.ବି.ଆଇ. ଜେରା କରୁଛି ।

# ଇ.ସି.ଆଇ.-ଲୋକସଭା ପୋଲ୍ସ

ଲୋକସଭା ନିର୍ବାଚନ ଆସନ୍ତା ମାସ ୧୯ ତାରିଖରୁ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଭୋଟ ଗଣତି ଜୁନ୍ ୪ ତାରିଖରେ ହେବ । ନିର୍ବାଚନ କମିଶନ୍ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଜି କାର୍ଯ୍ୟସୂଚୀ ଘୋଷଣା କରିଛି ।

ଏହା ସହିତ ୪ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ୍ ୧୯ ତାରିଖରେ ୧୦୨ଟି ଲୋକସଭା ଆସନ ପାଇଁ ମତଦାନ ହେବ । ଏପ୍ରିଲ୍ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୮୯ଟି ଲୋକସଭା ଆସନ ପାଇଁ ମତଦାନ ହେବ । ମେ ମାସ ୭ ତାରିଖରେ ୯୪ଟି ଲୋକସଭା ଆସନରେ ମତଦାନ ହେବାକୁ ଥିବା ବେଳେ ମେ ମାସ ୧୩ ତାରିଖରେ ୯୬ଟି ଲୋକସଭା ଆସନରେ ମତଦାନ ହେବ । ପଞ୍ଚମ ପର୍ଯ୍ୟାୟରେ ମେ ମାସ ୨୦ ତାରିଖରେ ୪୯ଟି ଲୋକସଭା ଆସନରେ ମତଦାନ ହେବ । ଷଷ୍ଠ ପର୍ଯ୍ୟାୟରେ ମେ ମାସ ୨୫ ତାରିଖରେ ୫୭ଟି ଲୋକସଭା ଆସନରେ ମତଦାନ ହେବ । ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ଜୁନ୍ ପହିଲାରେ ୫୭ଟି ଲୋକସଭା ଆସନରେ ମତଦାନ ହେବ । ନୂଆଦିଲ୍ଲୀରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରି ମୁଖ୍ୟ ନିର୍ବାଚନ କମିଶନ୍ର ରାଜୀବ କୁମାର

କହିଛନ୍ତି, ଗୁଜରାଟ, ତାମିଲନାଡୁ, ପଞ୍ଜାବ, ତେଲଙ୍ଗାନା, କେରଳ, ହରିଆନା, ହିମାଚଳ ପ୍ରଦେଶ, ଦିଲ୍ଲୀ, ମେଘାଳୟ ଓ ନାଗାଲାଣ୍ଡ ସମେତ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । କର୍ଣ୍ଣାଟକ, ରାଜସ୍ଥାନ, ମଣିପୁର ଓ ତ୍ରିପୁରାରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ । ଛତିଶଗଡ଼ ଓ ଆସାମରେ ତିନୋଟି ପର୍ଯ୍ୟାୟରେ ମତଦାନ ହେବ । ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡରେ ୪ଟି ପର୍ଯ୍ୟାୟରେ ମତଦାନ ହେବ । ମହାରାଷ୍ଟ୍ର ଓ ଜାମ୍ମୁ କାଶ୍ମୀରରେ ୫ଟି ପର୍ଯ୍ୟାୟରେ ମତଦାନ ହେବ । ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ମତଦାନ ହେବ ।

ନିର୍ବାଚନ କମିଶନ୍ ସିକିମ୍, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ମଧ୍ୟ ଘୋଷଣା କରିଛି । ୩୨ ସଦସ୍ୟ ବିଶିଷ୍ଟ ସିକିମ୍ ବିଧାନସଭା ଓ ୬୦ ସଦସ୍ୟ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭା ପାଇଁ ଏପ୍ରିଲ୍ ୧୯ ତାରିଖରେ ଲୋକସଭା ନିର୍ବାଚନ ସହିତ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । ୧୭୫ ସଦସ୍ୟ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭା ପାଇଁ ମେ ୧୩ ତାରିଖରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । ୧୪୭ ସଦସ୍ୟ ବିଶିଷ୍ଟ ଓଡ଼ିଶା ବିଧାନସଭା ପାଇଁ ମେ ୧୩, ୨୦, ୨୫ ଓ ଜୁନ୍ ପହିଲାରେ ୪ଟି ପର୍ଯ୍ୟାୟରେ ମତଦାନ ହେବ ।

ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି । ମୁଖ୍ୟ ନିର୍ବାଚନ କମିଶନର୍ କହିଛନ୍ତି, ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ୍ ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ସେ କହିଛନ୍ତି, ଦେଶରେ ୯୭ କୋଟି ପଞ୍ଜିକୃତ ମତଦାତା ରହିଛନ୍ତି । ଦେଢ଼ କୋଟି କର୍ମଚାରୀ ୧୦ଲକ୍ଷ ୫୦ ହଜାର ଭୋଟ ଗ୍ରହଣ କେନ୍ଦ୍ରର ପରିଚାଳନା କରିବେ । ସେ କହିଛନ୍ତି, ଏଥରକ ୧ କୋଟି ୮୨ଲକ୍ଷ ମତଦାତା ପ୍ରଥମ କରି ମତଦାନ କରିବେ । ୮୫ ବର୍ଷରୁ ଅଧିକ ବୟସର ମତଦାତା ଓ ଦିବ୍ୟାଙ୍ଗ ମତଦାତାମାନଙ୍କୁ ଘରୁ ମତଦାନ କରିବାର ସୁବିଧା ପ୍ରଦାନ କରାଯିବ । ଜଘନ୍ୟ ଅପରାଧ ମାମଲା ଥିବା ପ୍ରାର୍ଥୀମାନଙ୍କୁ ଛିଡ଼ା କରାଇଥିବା ରାଜନୈତିକ ଦଳ ଗୁଡ଼ିକୁ ସେମାନେ କାହିଁକି ସେହି ପ୍ରାର୍ଥୀମାନଙ୍କୁ ଛିଡ଼ା କରାଇଛନ୍ତି ତାହାର ସ୍ୱଷ୍ଟିକରଣ ଦେବାକୁ ପଡ଼ିବ । ସେ କହିଛନ୍ତି, ପର୍ଯ୍ୟାପ୍ତ ସଂଖ୍ୟାରେ **EVM** ଓ **VVPAT** ଉପଲବ୍ଧ ରହିଛି ଓ ନିର୍ବାଚନ ସୂଚାରୁରୂପେ ସମ୍ପନ୍ନ କରାଯିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି ।

ମୁଖ୍ୟ ନିର୍ବାଚନ କମିଶନର୍ କହିଛନ୍ତି, ଅବାଧ ଓ ନିରପେକ୍ଷ ନିର୍ବାଚନ କରାଯିବା ସମୟରେ ବାହୁବଳ, ଅର୍ଥବଳ, ଭୁଲ ତଥ୍ୟ ଓ ଆଚରଣବିଧି ଲଙ୍ଘନ ଭଳି ଚାରୋଟି ଚ୍ୟାଲେଞ୍ଜ ଏହା ସମ୍ମୁଖରେ ରହିଛି ।

ସେ କହିଛନ୍ତି, ଭୋଟ ଗ୍ରହଣ ହେଉଥିବା ଦିନ ବାହୁବଳର ବ୍ୟବହାର ଉପରେ ଡ୍ରୋନ୍ ସହାୟତାରେ ଯାଞ୍ଚ କରାଯିବ ।

ନିର୍ବାଚନ ସମୟରେ ହିଂସା ଓ ରକ୍ତପାତର କୌଣସି ସ୍ଥାନ ନାହିଁ ଓ କମିଶନ୍ ଏଭଳି କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି । ଆଇନ୍ ଶୃଙ୍ଖଳା ରକ୍ଷାକାରୀ ଏଜେନ୍ସି ଗୁଡ଼ିକୁ ମାଦକଦ୍ରବ୍ୟ, ଟଙ୍କା, ମାଗଣା ସାମଗ୍ରୀ ଓ ନିଶାଦ୍ରବ୍ୟ ବଣ୍ଟନକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି, ଅନ୍‌ଲାଇନ୍ ମାଧ୍ୟମରେ ଟଙ୍କା ନେଣଦେଣ ଉପରେ ନଜର ରଖିବାକୁ ଏଜେନ୍ସି ଗୁଡ଼ିକୁ କୁହାଯାଇଛି । ନିର୍ବାଚନ ସମୟରେ ବର୍ଜ୍ୟବସ୍ତୁ ପରିଚାଳନା ଓ କମ୍ କାଗଜ ବ୍ୟବହାର ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି, ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନିଶ୍ଚିତ କରିବାକୁ ୨୧ଶହ ପର୍ଯ୍ୟବେକ୍ଷକ ମୁତୟନ ହେବେ ।

ଚଳିତ ଲୋକସଭାର କାର୍ଯ୍ୟକାଳ ଜୁନ୍ ୧୬ ତାରିଖରେ ଶେଷ ହେବ । ଦେଶର ମୋଟ୍ ଲୋକସଭା ଆସନ ସଂଖ୍ୟା ହେଉଛି ୫୪୩ । ତାହା ମଧ୍ୟରୁ ୮୪ଟି ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି । ୪୭ଟି ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଉପଜାତି ପାଇଁ ସଂରକ୍ଷିତ ରହିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ବିହାର, ଗୁଜରାତ, ହରିଆନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ତ୍ରିପୁରାର ୨୬ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ମଧ୍ୟ ଲୋକସଭା ନିର୍ବାଚନ ସହ ହେବ ।

# ପୋଲ-ରିଆକ୍‌ସନ୍

ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହୋଇଥିବାରୁ ରାଜନୈତିକ ଦଳମାନେ ଏହାକୁ ସ୍ୱାଗତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଜେପି ନେତୃତ୍ୱର ଏନ୍.ଡି.ଏ. ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ପାର୍ଟି ସୁ-ଶାସନ ଓ ସେବାକୁ ଭିତ୍ତିକରି ଲୋକମାନଙ୍କ ସମ୍ମୁଖକୁ ଯିବ । ସେ କହିଛନ୍ତି, ୧୦ବର୍ଷ ପୂର୍ବେ ସବୁ କ୍ଷେତ୍ରରେ ଦୁର୍ନୀତି ଥିଲା ଓ ନୀତିନିର୍ଦ୍ଧାରଣରେ ନିଷ୍କ୍ରିୟତା ରହିଥିଲା । ସେ କହିଛନ୍ତି, ୧୪୦ କୋଟି ଜନତାଙ୍କ ବଳରେ ଦେଶ ବିକାଶର ନୂଆ ରେକର୍ଡ ସୃଷ୍ଟି କରିଛି ଓ ଦେଶ ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇଛି । ଶ୍ରୀ ମୋଦୀ କହିଛନ୍ତି, କୋଟି କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ଓ ଦେଶର ପ୍ରତ୍ୟେକ ଭାଗରେ ଯୋଜନାମାନ ପହଞ୍ଚିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କର ତୃତୀୟବାର ଶାସନରେ ଦାରିଦ୍ର୍ୟ ଓ ଦୁର୍ନୀତି ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରାଯିବ ।

ବିଜେପି ସଭାପତି ଜେ.ପି. ନଡ୍ଡା କହିଛନ୍ତି, ନିର୍ବାଚନ ଗଣତନ୍ତ୍ରର ସର୍ବବୃହତ ଉତ୍ସବ । ଲୋକମାନେ ଗଣତନ୍ତ୍ରକୁ ମଜବୁତ କରିବା ପାଇଁ ଅଧିକ ସଂଖ୍ୟାରେ ମତଦାନ କରିବାକୁ ସେ ନିବେଦନ କରିଛନ୍ତି ।

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ଲୋକସଭା ନିର୍ବାଚନ ଭାରତ ପାଇଁ ନ୍ୟାୟର ଦ୍ୱାର ଖୋଲିଦେବ । ସେ କହିଛନ୍ତି, ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଏହା ବୋଧହୁଏ ଶେଷ ସୁଯୋଗ । ଆମ୍ ଆଦମୀ ପାର୍ଟି ନେତା ଗୋପାଳ ରାୟ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣାକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ପାର୍ଟି ଇଣ୍ଡିଆ ମେଣ୍ଟରେ ନିର୍ବାଚନ ଲଢ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ।

## କଲାବୁରୁଗି-ପି.ଏମ୍. ର୍‌ୟାଲି

ପ୍ରଧାନମନ୍ତ୍ରୀ ଲୋକସଭା ନିର୍ବାଚନରେ ଜନସାଧାରଣଙ୍କର ସମର୍ଥନ ଲୋଡ଼ିଛନ୍ତି । ଦୁର୍ନୀତି ନିବାରଣ ଓ ବିକାଶ ପାଇଁ ସେ ଲୋକମାନଙ୍କର ସମର୍ଥନ ଲୋଡ଼ିଛନ୍ତି । କର୍ଣ୍ଣାଟକର କଲାବୁରୁଗି ଠାରେ ଏକ ର୍‌ୟାଲିରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କର୍ଣ୍ଣାଟକରେ ଆୟୁଷ୍ମାନ୍ ଭାରତରୁ ୮୦ଲକ୍ଷ ଲୋକ ଲାଭାନ୍ୱିତ ହୋଇଛନ୍ତି । ସେ କହିଛନ୍ତି, ୭୫ ଲକ୍ଷ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଦିଆଯାଇଛି, ୪୦ଲକ୍ଷ ମହିଳା ଉଜ୍ଜ୍ୱଳା ଯୋଜନାରେ ଏଲ୍.ପି.ଜି. କନେକ୍‌ସନ୍ ପାଇଛନ୍ତି, ୮ଲକ୍ଷ ଲୋକ ପି.ଏମ୍. ଆବାସ ଯୋଜନାରେ ଘର ପାଇଛନ୍ତି, କଲାବୁରୁଗି-ରାଇଚୁର୍ ରାଜପଥର ନିର୍ମାଣ ପାଇଁ ୬ହଜାର କୋଟି ଟଙ୍କା ଦିଆଯିବାକୁ ଘୋଷଣା କରାଯାଇଛି, ହୁମ୍‌ନାବାଦ-କଲାବୁରୁଗି ରେଳ ଲାଇନ୍‌ର ଘୋଷଣା

କରାଯାଇଛି, ହରଡ଼ ଡାଲି ସହାୟକ ମୂଲ୍ୟ କାର୍ଯ୍ୟକାରୀ କରାଯାଇଛି ଓ କଲ୍ୟାଣ କର୍ଣ୍ଣାଟକ ଅଞ୍ଚଳ ଆର୍ଥିକ ସହାୟତା ପାଇଛି । କର୍ଣ୍ଣାଟକରେ କଂଗ୍ରେସ ସରକାର ଲୁଟ୍ ଓ କୁଶାସନରେ ଜଡ଼ିତ ଥିବାର ସେ ଦୋଷାରୋପ କରିଛନ୍ତି । ରାଜ୍ୟରେ ଆଇନ୍ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ଓ ଦୁର୍ବୃତ୍ତମାନଙ୍କୁ ଘଣ୍ଟ ଘୋଡ଼ାଯାଉଥିବାର ସେ କହିଛନ୍ତି ।

## କର୍ଣ୍ଣାଟକ-କଂଗ୍ରେସ

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଆଜି ବେଙ୍ଗାଲୁରୁ ଠାରେ ପାର୍ଟିର ନିର୍ବାଚନ ପ୍ରତିଶ୍ରୁତି ଗୁଡ଼ିକର ଘୋଷଣା କରିଛନ୍ତି । ପାର୍ଟି ରାଜ୍ୟଶାଖା ସଭାପତି ଡି.କେ. ଶିବ କୁମାର ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଉପସ୍ଥିତିରେ ସେ କହିଛନ୍ତି, କଂଗ୍ରେସ ପାର୍ଟି ଭୋଟରମାନଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରେ ଶ୍ରମିକ ନ୍ୟାୟ ଓ ହିସେଦାରୀ ନ୍ୟାୟ ସ୍ଥାନ ପାଇଛି । ସେ କହିଛନ୍ତି, ପାର୍ଟି ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିବା ୧୫ଟି ଯାକ ଗ୍ୟାରେଣ୍ଟି ମଧ୍ୟରେ ଏଗୁଡ଼ିକ ରହିଛି । ପୂର୍ବରୁ ପାର୍ଟି କିଶାନ୍ ନ୍ୟାୟ, ଯୁବା ନ୍ୟାୟ ଓ ମହିଳା ନ୍ୟାୟ ବିଷୟରେ ଘୋଷଣା କରିସାରିଛି । ଶ୍ରମିକ ନ୍ୟାୟରେ ଶ୍ରମଜୀବୀମାନଙ୍କୁ ମାଗଣା ଚିକିତ୍ସା, ମନରେଗାରେ ମିଳୁଥିବା ଅର୍ଥ ପରିମାଣ ଦୈନିକ ୪୦୦ ଟଙ୍କାକୁ ବୃଦ୍ଧି, ସହରାଞ୍ଚଳରେ

ନିଯୁକ୍ତି ଗ୍ୟାରେଣ୍ଟି ଆରମ୍ଭ ଓ ଶ୍ରମିକମାନଙ୍କୁ ଜୀବନବୀମା ଯୋଗାଣ ସ୍ଥାନ ପାଇଛି ।

ଶ୍ରୀ ଖଡ଼ଗେ କହିଛନ୍ତି, ଭାଗିଦାରୀ ନ୍ୟାୟରେ କଂଗ୍ରେସ ପାର୍ଟି କେନ୍ଦ୍ରରେ ଶାସନକୁ ଆସିଲେ ଜାତି ଜନଗଣନା କରିବା ଓ ଜନସଂଖ୍ୟା ପ୍ରତିନିଧିତ୍ୱ ଭିତ୍ତିରେ ସମ୍ବଳ ବଣ୍ଟନ କରିବା, ସଂରକ୍ଷଣ ସୀମା ଶତକଡ଼ା ୫୦ ଭାଗ ପରେ ଯୋଗାଇବା ଓ ଆଦିବାସୀମାନଙ୍କୁ ଜଙ୍ଗଲ ଅଧିକାର ଦେବା ପ୍ରଭୃତି ସ୍ଥାନ ପାଇଛି । ସେ କହିଛନ୍ତି, ଆଦିବାସୀ ପରମ୍ପରାର ସୁରକ୍ଷା କରାଯିବ ଓ ଆଦିବାସୀମାନଙ୍କର ସ୍ୱୟଂଶାସନ ପଦ୍ଧତି ଆରମ୍ଭ କରାଯିବ ।

## ସି.ବି.ଆଇ.-ଇ.ଡି.

ଗିରଫ୍ ହୋଇଥିବା ତୃଣମୂଳ କଂଗ୍ରେସ ନେତା ଶେଖ୍ ସାହାଜାହାନ୍‌ଙ୍କ ଭାଇ ଶେଖ୍ ଆଲମ୍‌ଗିର୍ ସି.ବି.ଆଇ.ଦ୍ୱାରା ଜେରା ପାଇଁ ଆଜି କୋଲକାତାର ନିଜାମ୍ ପ୍ୟାଲେସ୍‌ରେ ପହଞ୍ଚିଛନ୍ତି । ଏଥିପାଇଁ ତାଙ୍କୁ ସିବିଆଇ ସମନ ଜାରି କରିଥିଲା । ସି.ବି.ଆଇ. ଆଉ ୧୫ ଜଣ ଲୋକଙ୍କୁ ମଧ୍ୟ ସମନ ଜାରି କରିଛି । ସେମାନଙ୍କ ମଧ୍ୟରେ ଶେଖ୍ ସାହାଜାହାନ୍‌ଙ୍କ ଘନିଷ୍ଠ ସହଯୋଗୀ ମଖିଜୁର୍ ମୁଲ୍ଲା ରହିଛି ।

ଇତିମଧ୍ୟରେ ପଶ୍ଚିମବଙ୍ଗ ପି.ଡି.ଏସ୍. ଦୁର୍ନୀତି ମାମଲାରେ ଇ.ଡି. ଶେଖ୍ ସାହାଜାହାନ୍‌ଙ୍କ ଭାଇ ଶେଖ୍ ଆଲମ୍‌ଗିର୍ ଓ ଶେଖ୍ ଶିରାଜ୍‌ଉଦ୍ଦିନ୍‌ଙ୍କୁ ୨୧ ତାରିଖକୁ ସମନ ଜାରି କରିଛି ।